# Visit of Smt. Meenakashi Lekhi, MoS (External Affairs & Culture) to Panama, Honduras, Chile (April 28 - May 05, 2022)

May 08, 2022

## ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀଙ୍କ ପାନାମା, ହୋଣ୍ଡୁରାସ ଏବଂ ଚିଲି ଗସ୍ତ (28 ଏପ୍ରିଲ - 05 ମଇ 2022)

ମଇ 08, 2022

ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମୀନକାଶୀ ଲେଖୀ (ଏମଏଲ) 28 ଏପ୍ରିଲରୁ 05 ମଇ 2022 ପାନାମା, ହୋଣ୍ଡୁରାସ ଏବଂ ଚିଲି ଗସ୍ତ କରିଥିଲେ।

2. 28 ଏପ୍ରିଲରୁ 01 ମଇ 2022 ପାନାମା ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ପାନାମାର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଏରିକା ମୋଏନ୍ସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ଯେଉଁଥିରେ ପାନାମା ସରକାରଙ୍କ ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଜାନାଇନା ତେୱାନି ମଧ ଉପସ୍ଥିତ ଥିଲେ। ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ସ୍ୱାସ୍ଥ୍ୟ ଓ ଫାର୍ମା, ଆୟୁଷ, ଆଇଟି, ମହାକାଶ ଏବଂ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। କୂଟନୈତିକ ମିଶନ/ପୋଷ୍ଟର ଅଧିକାରୀଙ୍କ ପରିବାର ସଦସ୍ୟଙ୍କ ପାଇଁ ଲାଭଜନକ ନିଯୁକ୍ତି ଉପରେ ଏକ ଚୁକ୍ତିନାମା ଭାରତ ଏବଂ ପାନାମା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଭାରତ-ସିକା ଫ୍ରେମୱର୍କ ମାଧ୍ୟମରେ ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ମଧ୍ୟ ସହମତ ହୋଇଥିଲେ।

3. ସଂସ୍କୃତି ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଜିସେଲେ ଗୋଞ୍ଜାଲେଜ ଭିଲାରୟୁଙ୍କ ସହ ଏକ ବୈଠକରେ ରାଷ୍ଟ୍ରମନ୍ତ୍ରୀ (ଏମଏଲ) 2021-24 ପାଇଁ ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଉପରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କେନାଲ ପ୍ରଶାସନ ମନ୍ତ୍ରୀ ଶ୍ରୀ ଆରିଷ୍ଟାଇଡସ୍ ରୋୟୋଙ୍କ ସହ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ପାନାମା କେନାଲ ପରିଦର୍ଶନ କରିଥିଲେ। ସେ ଆମେରିକାର ବୃହତ୍ତମ ଫ୍ରି ଟ୍ରେଡ ଜୋନ (ଏଫଟିଜେଡ) ଯାହାକି କଲୋନ୍ ଫ୍ରି ଟ୍ରେଡ ଜୋନ ପରିଦର୍ଶନ କରିଥିଲେ ଏବଂ ତାଙ୍କୁ ଏଫଟିଜେଡ ବିଷୟରେ ଏବଂ ଭାରତ ସହ ସମ୍ଭାବ୍ୟ କ୍ଷେତ୍ରରେ ସହଯୋଗ ବିଷୟରେ ସୂଚନା ଦିଆଯାଇଥିଲା। ସେ ପାନାମାରେ ବସବାସ କରୁଥିବା ଭାରତୀୟ ଉଦ୍ୟୋଗୀମାନଙ୍କୁ ସାକ୍ଷାତ କରିଥିଲେ ଏବଂ ଏଫଟିଜେଡରେ ସେମାନଙ୍କର ଶୋ'ରୁମ୍ ପରିଦର୍ଶନ କରିଥିଲେ।

4. ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଆଇକନିକ୍ ସିଣ୍ଟା କୋଷ୍ଟେରାରେ ଆନ୍ତର୍ଜାତିକ ଯୋଗ ଦିବସ 2022 ପାଇଁ ଏକ ଉଦ୍ଘାଟନ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପାନାମାର ସଂସ୍କୃତି ମନ୍ତ୍ରୀ ଏବଂ ଦୁଇ ଉପମନ୍ତ୍ରୀ ମଧ୍ୟ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଏକ ହିନ୍ଦୁ ମନ୍ଦିର ପରିଦର୍ଶନ କରି ପାରମ୍ପରିକ ଗରବାରେ ଅଂଶଗ୍ରହଣ କରିଥିଲେ ଏବଂ ଏକ ଅଶୋକ ବୃକ୍ଷ ରୋପଣ କରିଥିଲେ। ସେ ଉଭୟ ପାରମ୍ପରିକ ପାନାମା ଏବଂ ଭାରତୀୟ ନୃତ୍ୟ ପ୍ରଦର୍ଶନ କରୁଥିବା ଆକାମ ଉତ୍ସବର ଢାଞ୍ଚାରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ। ସେ ଭାରତୀୟ ସମୁଦାୟର ସଦସ୍ୟଙ୍କ ସହ ବାର୍ତ୍ତାଳାପ କରିଥିଲେ। ଲାଟିନ ଆମେରିକାରେ ବସବାସ କରୁଥିବା ସବୁଠାରୁ ଅଧିକ ଭାରତୀୟ ପାନାମାରେ ଅଛନ୍ତି ଯାହାଙ୍କ ସଂଖ୍ୟା ପ୍ରାୟ 15,000।

5. 01 ରୁ 03 ମଇ 2022 ହୋଣ୍ଡୁରାସ ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ହୋଣ୍ଡୁରାସର ରାଷ୍ଟ୍ରପତି ମାନ୍ୟବର ଶ୍ରୀମତୀ ଆଇରିସ୍ ଜିଓମାରା କାଷ୍ଟ୍ରୋ ସରମିଏଣ୍ଟୋଙ୍କୁ ଭେଟିଥିଲେ। ସେ ହୋଣ୍ଡୁରାସର କାର୍ଯ୍ୟବାହକ ବୈଦେଶିକ ବ୍ୟାପାର ତଥା ଆନ୍ତର୍ଜାତିୟ ସହଯୋଗ ମନ୍ତ୍ରୀ ମାନ୍ୟବର ଶ୍ରୀ ଆଣ୍ଟୋନିଓ ଗାର୍ସିଆଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଏବଂ ହୋଣ୍ଡୁରାସର କୃଷି ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଲଉରା ସୁଆଜୋ ମିଳିତ ଭାବେ 26.5 ମିଲିଅନ ଆମେରିକୀୟ ଡଲାରର ଜମାଷ୍ଟ୍ରାନ୍ ଉପତ୍ୟାକା ଜଳସେଚନ ପ୍ରକଳ୍ପର ମୂଳଦୁଆ ପକାଇଥିଲେ। ଏହି ପ୍ରକଳ୍ପ ଭାରତ ସରକାରଙ୍କ ଋଣ ସହାୟତାରେ ନିର୍ମିତ ହେବ। ଏହି ପ୍ରକଳ୍ପ 3,060 ହେକ୍ଟର ଜମିକୁ ଜଳସେଚନ କରିବ ଏବଂ ପ୍ରାୟ 1200 ଚାଷୀଙ୍କୁ ଉପକୃତ କରିବ ବୋଲି ଆକଳନ କରାଯାଇଛି।

6. 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ହୋଣ୍ଡୁରାସର ସର୍ବବୃହତ ଘରୋଇ ବିଶ୍ୱବିଦ୍ୟାଳୟ (ୟୁନିଟେକ) ର 300 ରୁ ଅଧିକ ଛାତ୍ରଛାତ୍ରୀ, ଅଧ୍ୟାପିକା ଏବଂ ଶିକ୍ଷାବିତ୍ ମାନଙ୍କୁ "ଭାରତର ଅଭିବୃଦ୍ଧି କାହାଣୀର 75 ବର୍ଷ" ବିଷୟ ଉପରେ ସମ୍ବୋଧିତ କରିଥିଲେ।  ଭାରତର ନୂତନ ଶିକ୍ଷା ନୀତି 2020 ଅନ୍ତର୍ଗତ ସହଯୋଗ ସମ୍ଭାବନାକୁ ଅନୁସନ୍ଧାନ କରିବା ପାଇଁ ସେ ସେଠାକାର 21 ଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସହିତ ଚର୍ଚ୍ଚା କରିଥିଲେ। ରାଷ୍ଟ୍ରମନ୍ତ୍ରୀ (ଏମଏଲ) ମଧ୍ୟ ହୋଣ୍ଡୁରାସର ଜାତୀୟ ବିଶ୍ୱବିଦ୍ୟାଳୟରେ ଆଇଡିୱାଇ 2022 ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ 2008 ରେ ଭାରତ ଦ୍ୱାରା ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ଥାପିତ ହୋଇଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଇଆଇଟି) ପରିଦର୍ଶନ କରିଥିଲେ। ଏପର୍ଯ୍ୟନ୍ତ ଏହି କେନ୍ଦ୍ରରେ 26,000 ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ଭାରତ ସହାୟତାରେ 2016 ରେ ଏହାକୁ ଉନ୍ନତ କରାଯାଇଥିଲା। ସାନ୍ ପେଡ୍ରୋ ଦେ ସୁଲାରରେ ଛୋଟ କିନ୍ତୁ ଜୀବନ୍ତ ଭାରତୀୟ ସମୁଦାୟ ସହିତ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ମଧ୍ୟ ବାର୍ତ୍ତାଳାପ କରିଥିଲେ।

7. ଚିଲି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଚିଲିର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଆଣ୍ଟୋନିଆ ଉରେଜୋଲା ନୋଗେରାଙ୍କୁ ଭେଟି ତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଫାର୍ମା, ମହାକାଶ, ଅକ୍ଷୟ ଶକ୍ତି ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ଆଦି କ୍ଷେତ୍ରେରେ ସହଯୋଗ ପାଇଁ ଦ୍ୱିପାକ୍ଷିକ ଚୁକ୍ତିନାମାର ଶୀଘ୍ର ଚୂଡାନ୍ତ ନିମନ୍ତେ ଉଭୟ ପକ୍ଷ ନିଜସ୍ୱ ଆଭ୍ୟନ୍ତରୀଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସହମତ ହୋଇଥିଲେ। ସେମାନେ ମଧ୍ୟ ଉଭୟ ଦେଶର ସାଧାରଣ ମୂଲ୍ୟବୋଧ ଓ ନୀତିକୁ ଆଧାର କରି ପ୍ରଶାନ୍ତ ମହାସାଗର ମେଣ୍ଟ ଏବଂ ବହୁପକ୍ଷୀୟ ମଞ୍ଚରେ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

8. ଚିଲିର ସଂସ୍କୃତି, କଳା ଓ ଐତିହ୍ୟ ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଜୁଲିଏଟା ବ୍ରୋଡସ୍କି ହର୍ଣ୍ଣାଣ୍ଡିଜଙ୍କ ସହ ସାକ୍ଷାତ ସମୟରେ ଉଭୟ ପକ୍ଷ ପରସ୍ପରର ଦେଶରେ ଚଳଚ୍ଚିତ୍ର ସ୍କ୍ରିନିଂ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିବାକୁ ସହମତ ହୋଇଥିଲେ। ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଚିଲିର ଚାମ୍ବର ଅଫ୍ ଡେପୁଟିର ବାଚସ୍ପତି ମାନ୍ୟବର ଶ୍ରୀ ରାଉଲ ସୋଟୋ ଏବଂ ଭାରତ-ଚିଲିର ସଂସଦୀୟ ବନ୍ଧୁତା ଗୋଷ୍ଠୀର ସଭାପତି ମାନ୍ୟବର ଶ୍ରୀମତୀ ସିକାର୍ଡିନୀଙ୍କ ସହ ସାକ୍ଷାତ କରିଥିଲେ। ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଚିଲି ସଂସଦର ଏକ ଅଧିବେଶନର ଏକ ଝଲକ ମଧ୍ୟ ଦେଖିଥିଲେ।

9. ରାଷ୍ଟ୍ରମନ୍ତ୍ରୀ (ଏମଏଲ) ଚିଲି ଫେଡେରେସନ ଅଫ୍ ଇଣ୍ଡଷ୍ଟ୍ରିଜ (ସୋଫୋଫା) ସହିତ ସାକ୍ଷାତ କରି ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ବଢୁଥିବା ଦ୍ୱିପାକ୍ଷିକ ସହଯୋଗ, ଚିଲି କମ୍ପାନୀଗୁଡିକ ପାଇଁ ସୁଯୋଗ ଏବଂ ଭାରତ ସହିତ ବ୍ୟବସାୟ କରିବାର ସୁବିଧା ବିଷୟରେ ଆଲୋଚନା କରିଥିଲେ। ସେ ଚିଲିରେ ଭାରତୀୟ ସମୁଦାୟ ସହିତ ବାର୍ତ୍ତାଳାପ କରିଥିଲେ ଏବଂ ଏକ ଖଦି ଓ ଆୟୁର୍ବେଦ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ

ଏବଂ ଭାରତ @ 75 ଆକାମ ଉତ୍ସବ ପାଳନ ଅବସରରେ ଏକ ବୃକ୍ଷ ରୋପଣ କରିଥିଲେ। ଚିଲିରେ ଆଇଡିୱାଇ 2022 ପାଇଁ ସେ ଏକ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଥିଲେ।

10. ରାଷ୍ଟ୍ରମନ୍ତ୍ରୀ (ଏମଏଲ)ଙ୍କ ପାନାମା, ହୋଣ୍ଡୁରାସ ଏବଂ ଚିଲି ଗସ୍ତ ମଧ୍ୟ ଆମେରିକା ଓ ଦକ୍ଷିଣ ଆମେରିକାର ଏହି ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ନୂତନ ଗତି ପ୍ରଦାନ କରିଛି।

**ନୂଆଦିଲ୍ଲୀ**

**ମଇ 08, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.